**OFFICE OF THE COLLECTOR & DISTRICT MAGISTRATE, DEOGARH.**
**(S.C. & S.T. DEVELOPMENT SECTION)**
No. 875 /SSD, Dt. 09.09.2011

## ଶିକ୍ଷା ସହାୟକ/ସହାୟିକା ନିଯୋଜନ ବିଜ୍ଞାପନ

ଦେବଗଡ ରାଜସ୍ୱ ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟମାନଙ୍କରେ ଆବଶ୍ୟକ ଶିକ୍ଷା ସହାୟକ ନିଯୋଜନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେକୌଣସି ଗୋଟିଏ ଜିଲ୍ଲା ପାଇଁ ଆବେଦନ କରିପାରିବେ । ଏଥିପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥୀନୀ କେବଳ ଗୋଟିଏ ଜିଲ୍ଲାପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ (Affidavit) ସଂଲଗ୍ନ କରିବେ । ଯାଞ୍ଚ ସମୟରେ ଯଦି ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଆବେଦନ କରିଥିବା ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ଆବେଦନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀଙ୍କର ଆବେଦନ ପତ୍ର ବିଚାରକୁ ନିଆ ନ ଯାଇ ନାକଚ କରି ଦିଆଯିବ । ସାର୍ଟିଫିକେଟ ଜାଲ ବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ କରାଯିବ । ଇଚ୍ଛୁକ ଯୋଗ୍ୟ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ସାଧା କାଗଜରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୩୦.୯.୨୦୧୧ରିଖ ସୁଦ୍ଧା ରେଜେଷ୍ଟ୍ରୀ ଡାକରେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବା ଆବଶ୍ୟକ । ତ୍ରୁଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ଜିଲ୍ଲାପାଳଙ୍କୁ ସଂବୋଧିତ କରିବା ଆବଶ୍ୟକ ।

ଏହି ଶିକ୍ଷା ସହାୟକ ନିଯୋଜନ ପାଇଁ ଦେବଗଡ ଜିଲ୍ଲାରେ ବିଭିନ୍ନ ଶ୍ରେଣୀର (Category) ପଦବୀ ସଂଖ୍ୟା ଏବଂ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ଏଥି ସହିତ ସଂଲଗ୍ନ କରାଗଲା । ଏହାର ୧୫୦% ଭାଗ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବ ଯାହା ବର୍ଷକ ପାଇଁ ବୈଧ ରହିବ । ଏହି ଯୋଗ୍ୟ ବିବେଚିତ ଅସ୍ଥାୟୀ ଏବଂ ଚୂଡାନ୍ତ ପ୍ରାର୍ଥୀ ତାଲିକା (Provisional & Final Select list) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ । ଶିକ୍ଷା ସହାୟକମାନେ ଜିଲ୍ଲାପାଳଙ୍କ ଦ୍ୱାରା ନିଯୋଜିତ ହେବେ ।

୨. ଶିକ୍ଷାଗତ ଯୋଗ୍ୟତା :- ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଯେକୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରିପାରିବେ ।

(କ) ଯୁକ୍ତ ଦୁଇ (+2) ବିଜ୍ଞାନ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମ ପ୍ରାପ୍ତ (ସି.ଟି.) (Recognised by NCTE)

(ଖ) ଯୁକ୍ତ ଦୁଇ (+2) କଳା/ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମ ପ୍ରାପ୍ତ (ସି.ଟି.) (Recognised by NCTE) ।

(ଗ) ଯୁକ୍ତ ଦୁଇ (+2) ବିଜ୍ଞାନ/କଳା/ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମ Rehabilitation Council of India (RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସତନ୍ତ୍ରଶିକ୍ଷାରେ ୨ ବର୍ଷିଆ ଡିପ୍ଲୋମା ତାଲିମ (2 year Diploma in Education-Special Education) ପ୍ରାର୍ଥୀମାନଙ୍କର ମଧ୍ୟ RCI Registration Certificate ଥିବା ଆବଶ୍ୟକ ।

(ଘ) ସ୍ନାତକରେ ବିଜ୍ଞାନ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ ବି.ଏଡ୍. ତାଲିମ ପ୍ରାପ୍ତ (Recognised by NCTE) ।

(ଙ) ସ୍ନାତକରେ କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ ବି.ଏଡ୍. ତାଲିମ ପ୍ରାପ୍ତ (Recognised by NCTE) ।

(ଚ) ସ୍ନାତକରେ ବିଜ୍ଞାନ/କଳା କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ HSC ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଯୋଗ୍ୟତା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସତନ୍ତ୍ରଶିକ୍ଷା ପାଠ୍ୟକ୍ରମରେ ବି.ଏଡ୍. ତାଲିମ (1 year B.Ed. Special Education) ପ୍ରାର୍ଥୀମାନଙ୍କର ମଧ୍ୟ RCI Registration Certificate ଥିବା ଆବଶ୍ୟକ।।

(ଛ) C.T. କିମ୍ବା B.Ed. Training ର ତତ୍ତୁଲ୍ୟ ତାଲିମ ଯୋଗ୍ୟତା ଗ୍ରହଣ ଯୋଗ୍ୟ ନୁହେଁ।

(ଜ) ଯୁକ୍ତ ଦୁଇ (+2) ବିଜ୍ଞାନ, କଳା, ବାଣିଜ୍ୟ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ସ୍ନାତକ ସହିତ ଓଡିଆ ମାତୃଭାଷା ସପ୍ତମ ପର୍ଯ୍ୟନ୍ତ ଯୋଗ୍ୟତା ଥାଇ ଓ ବିଜ୍ଞାନ ଓ କଳାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ସ୍ନାତକ ପାସ୍ ସହିତ (ଓଡିଆ ମାତୃଭାଷା ଦଶମ ପର୍ଯ୍ୟନ୍ତ) ଯୋଗ୍ୟତା ଥିବା ଅଣତାଲିମ ପ୍ରାପ୍ତ ତଫସିଲଭୁକ୍ତ ଜାତି, ଜନଜାତି ଓ ଶାରିରୀକ ଅକ୍ଷମ ପ୍ରାର୍ଥୀମାନେ ଯୋଗ୍ୟତା ଅନୁଯାୟୀ ଗୋଟିଏ ପଦପାଇଁ ଆବେଦନ କରିପାରିବେ। ଯଦି ସଂପୃକ୍ତ ଜିଲ୍ଲା ୟୁନିଟରେ ଆବଶ୍ୟକ ସଂଖ୍ୟକ ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଶାରିରୀକ ଅକ୍ଷମର ତାଲିମପ୍ରାପ୍ତ ପ୍ରାପ୍ତ ପ୍ରାର୍ଥୀ ନ ମିଳନ୍ତି ସେମାନଙ୍କ ବିଷୟକୁ ବିଚାରକୁ ନେଇ ନିଯୁକ୍ତି ଦିଆଯିବ।

ସାଧାରଣ ବର୍ଗ ଏବଂ ଏସ୍.ଇ.ବି.ସି. ବର୍ଗର ଯୁକ୍ତ ଦୁଇ (+2) ବିଜ୍ଞାନ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ଓଡିଆ ମାତୃଭାଷା ସପ୍ତମ ପର୍ଯ୍ୟନ୍ତ, ବିଜ୍ଞାନରେ ସ୍ନାତକ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ଓଡିଆ ମାତୃଭାଷା ଦଶମ ପର୍ଯ୍ୟନ୍ତ ଯୋଗ୍ୟତା ଥିବା ଅଣତାଲିମ ପ୍ରାପ୍ତ ପ୍ରାର୍ଥୀମାନେ ତାଲିମପ୍ରାପ୍ତ ବିଜ୍ଞାନ (+2 Sc. C.T., TGT Sc.) ପଦବୀ ପାଇଁ ଯୋଗ୍ୟତା ଅନୁଯାୟୀ ଗୋଟିଏ ପଦ ପାଇଁ ଆବେଦନ କରିପାରିବେ। ଯଦି ସଂପୃକ୍ତ ଜିଲ୍ଲା ୟୁନିଟରେ ସେହି ପଦବୀ ପାଇଁ ଆବଶ୍ୟକ ସଂଖ୍ୟକ ତାଲିମ ପ୍ରାପ୍ତ ବିଜ୍ଞାନ ପ୍ରାର୍ଥୀ ନ ମିଳନ୍ତି ସେମାନଙ୍କ ବିଷୟକୁ ବିଚାରକୁ ନେଇ ନିଯୁକ୍ତି ଦିଆଯିବ।

ସମସ୍ତ ଅଣ ତାଲିମପ୍ରାପ୍ତ ପ୍ରାର୍ଥୀମାନେ ନିଯୋଜନ ହେବାର ପାଞ୍ଚ ବର୍ଷ ମଧ୍ୟରେ ନିଜ ଖର୍ଚ୍ଚରେ ତାଲିମପ୍ରାପ୍ତ ହେବେ ବୋଲି ଏକ Undertaking ଦେବେ।

୩. ବୟସସୀମା- ପ୍ରାର୍ଥୀମାନଙ୍କର ବୟସ ତା.୩୦.୯.୨୦୧୧ ରିଖ ସୁଦ୍ଧା ୪୨ ବର୍ଷରୁ ଅଧିକ ହୋଇ ନଥିବ କିମ୍ବା ୧୮ ବର୍ଷରୁ କମ୍ ହୋଇ ନଥିବା ଆବଶ୍ୟକ। ତଫସିଲ ଭୁକ୍ତ ଜାତି ଓ ଜନଜାତି, ପୂର୍ବତନ ସାମରିକ କର୍ମଚାରୀ, ମହିଳା ପ୍ରାର୍ଥୀ ଏବଂ ଏସ୍.ଇ.ବି.ସି. ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ। ଶାରିରୀକ ଅକ୍ଷମ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୧୦ ବର୍ଷ କୋହଳ ହେବ।

୪. ନିଯୋଜନ- ଶିକ୍ଷା ସହାୟକମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ସେବାଶ୍ରମ/ଆଶ୍ରମ ବିଦ୍ୟାଳୟର ଉନ୍ନିତ ଶ୍ରେଣୀମାନଙ୍କର ଆବଶ୍ୟକ ଅନୁଯାୟୀ ନିଯୋଜିତ (ଏନଗେଜମେଣ୍ଟ) ହେବେ।

୪.୧ ନିଯୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲାପାଳ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ଷ୍ଟାମ୍ପ କାଗଜ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମରେ ଏକ ଚୁକ୍ତିନାମା ସାକ୍ଷରିତ କରାଯିବ।

ଅଣତାଲିମ ପ୍ରାପ୍ତ ପ୍ରାର୍ଥୀମାନେ ନିଜ ଖର୍ଚ୍ଚରେ ଟ୍ରେନିଙ୍ଗ ନେବେ ବୋଲି Undertaking ଦେବେ।

୪.୨. ଶିକ୍ଷା ସହାୟକ / ସହାୟିକାମାନଙ୍କୁ ସେମାନେ ଆବେଦନ କରିଥିବା ଜିଲ୍ଲା ମଧ୍ୟରେ ନିଯୋଜନ କରାଯିବ।

୫. କର୍ମନିଯୋଜନ ସଂସ୍ଥାରେ ପଂଜିକରଣ ଓ ଆବାସିକ ପ୍ରମାଣପତ୍ର :

ବି.ଇଡି. ପ୍ରାର୍ଥୀ/ପ୍ରାର୍ଥିନୀ ବାଣୀ ବିହାର, ଜ୍ୟୋତିବିହାର ଓ ଭଞ୍ଜବିହାର (ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ) ଥିବା ସତନ୍ତ୍ର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କିମ୍ବା ଭୁବନେଶ୍ୱରରେ ଥିବା ଷ୍ଟେଟ୍ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜିକରଣ କରିଥିବାର ବୈଧ ପ୍ରମାଣପତ୍ର ଏବଂ ଆବାସିକ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ। ସେହିପରି ସି.ଟି. ପ୍ରାର୍ଥୀ ଏବଂ ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ ମାନେ ଯେକୌଣସି କର୍ମନିଯୋଜନ ସଂସ୍ଥାରେ ନିଜ ନାମ ପଞ୍ଜିକରଣ କରିଥିବାର ବୈଧ ପ୍ରମାଣ ପତ୍ର ଏବଂ ଆବାସିକ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ।

୬-ସଂରକ୍ଷଣ ବ୍ୟବସ୍ଥା : ଓ.ଆର.ଭି ଆକ୍ଟ ସଙ୍ଗେ ସଙ୍ଗେ ଅନ୍ୟ ପ୍ରାର୍ଥୀ ଯାଥା- ପୂର୍ବତନ ସାମରିକ କର୍ମଚାରୀ (Ex-Servicemen), ଭିନ୍ନକ୍ଷମ (Handicapped) ଏବଂ କ୍ରୀଡା କ୍ଷେତ୍ରରେ ସାତନ୍ତ୍ର୍ୟ ଅର୍ଜନ କରିଥିବା ବ୍ୟକ୍ତି(Eminent Sports Personnel) ଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଙ୍କଳିତ ସଂରକ୍ଷଣ ନିୟମ ଲାଗୁ କରାଯିବ । ମହିଳା ପ୍ରାର୍ଥୀନୀଙ୍କ ପାଇଁ ସଂପୃକ୍ତ ବର୍ଗର ୩୩.୧/୩ ପ୍ରତିଶତ ସଂରକ୍ଷଣ ଲାଗୁହେବ । ଶାରିରୀକ ଅକ୍ଷମ ପ୍ରାର୍ଥି ମାନଙ୍କ ପାଇଁ ସାଧାରଣ ପ୍ରଶାସନ ବିଭାଗ ସଂକଳ୍ପ ସଂଖ୍ୟା ୨୫୩୮୪/ସାଧାରଣ ପ୍ରଶାସନ ତା ୨୦.୦୯.୨୦୦୫ ରିଖ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ।

୭. ତାଲିମ ପ୍ରାପ୍ତ ଶିକ୍ଷା ସହାୟକ ମାନଙ୍କୁ ମାସିକ ଟ.୪୦୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୮. ଅଣ ତାଲିମପ୍ରାପ୍ତ ଶିକ୍ଷା ସହାୟମାନଙ୍କୁ ମାସିକ ଟ.୩,୫୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୯. ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇ ପାରିବ । ଦରଖାସ୍ତ ସହ HSC ଠାରୁ ଆବେଦନ କରିଥିବା ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଏବଂ ମାର୍କ ତାଲିକାର ଅବିକଳ ନକଲ(ଆଟେଷ୍ଟେଡ କପି) କର୍ମନିଯୋଜନ ସଂସ୍ଥା ପଞ୍ଜୀକରଣ ପ୍ରମାଣପତ୍ର,ଜାତିଗତ ଏବଂ ଆବାସିକ ପ୍ରମାଣପତ୍ର, ଭିନ୍ନକ୍ଷମ ହୋଇଥିଲେ ତାର ଅବିକଳ ପ୍ରମାଣପତ୍ର, ପ୍ରାର୍ଥୀଙ୍କର ୨ କିତା ବର୍ତ୍ତମାନ ସହିମୋହର ପାସପୋର୍ଟ ଆକାର ଫଟୋ ଏବଂ କେବଳ ଗୋଟିଏ ଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidavit) ଇତ୍ୟାଦିର ସଂଯୋଗ ନଥିଲେ ଆବେଦନ ପତ୍ରଟିକୁ ଖାରଜ କରିଦିଆଯିବ ।

୧୦. ଦେବଗଡ ଜିଲ୍ଲାର ପଦବୀ ସଂଖ୍ୟା ନିମ୍ନରେ ପ୍ରଦତ୍ତ କରାଗଲା

| Catagory of post | Nos. of post for UR | Nos. of post for UR (W) | Nos. of post for ST | Nos. of post for SC | Nos. of post for SEBC | Total |
|---|---|---|---|---|---|---|
| BSc.B.Ed. | 1 | – | 1 | 1 | 1 | 4 |
| BAB.Ed | 1 | – | 1 | – | 1 | 3 |
| +2 Sc. & CT | 2 | 1 | 1 | 1 | 2 | 7 |
| +2 Arts/ Comm.& CT | 1 | – | 1 | – | 1 | 3 |
| Total | 5 | 1 | 4 | 2 | 5 | 17 |

ଶିକ୍ଷା ସହାୟକ ପଦ ପାଇଁ ଆବେଦନ ପତ୍ର

୧- ଯେଉଁ ଜିଲ୍ଲାରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ । ୨- ଯେଉଁ ପଦବୀରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ । ୩- ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ନାମ । ୪- ପିତା କିମ୍ବା ସାମୀଙ୍କର ନାମ । ୫- ବର୍ତ୍ତମାନର ଠିକଣା ୬- ସ୍ଥାୟୀ ଠିକଣା ୭- ଜନ୍ମ ତାରିଖ (ପ୍ରମାଣ ପତ୍ରର ଅବିକଳ ନକଲ ସଂଯୁକ୍ତ କରିବେ) ୮- ପ୍ରାର୍ଥୀ/ ପ୍ରାର୍ଥୀନୀ କେଉଁ ବର୍ଗର ଅଟନ୍ତି ।

୯- ଶିକ୍ଷାଗତ ଯୋଗ୍ୟତା, ଉତ୍ତୀର୍ଣ୍ଣ ହୋଇଥିବା ପରିକ୍ଷାମାନଙ୍କର ନାମ, ଶିକ୍ଷାନୁଷ୍ଠାନର ନାମ, ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟର ନାମ, ଉତ୍ତୀର୍ଣ୍ଣ ବର୍ଷ, କେତେ ନମ୍ବର ପାଇଥିଲେ, %ନମ୍ବର, (ଯୁକ୍ତ ଦୁଇ/ସ୍ନାତକ/ପ୍ରଶିକ୍ଷଣ (CT/B.Ed/Spl B.Ed) ପରୀକ୍ଷାର ପ୍ରମାଣପତ୍ର ଓ ମାର୍କସିଟର ଅବିକଳ ନକଲ (Spl. Education ରେ Diploma ଏବଂ Spl. B.Ed ପ୍ରାର୍ଥୀମାନେRCI Registration ର ପ୍ରମାଣପତ୍ରର ଅବିକଳ ନକଲ) ସଂଯୋଗ କରିବେ । ୧୦- କର୍ମ ନିଯୋଜନ କେନ୍ଦ୍ରର ନାମ ଏବଂ ରେଜିଷ୍ଟ୍ରେସନ ସଂଖ୍ୟା ଓ ତାରିଖ (ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ) । ୧୧- ଜାତିଗତ ପ୍ରମାଣପତ୍ର (ଅବିକଳ ସଂଯୋଗ କରିବେ) ୧୨- ଅକର୍ମଣ୍ୟ ପ୍ରମାଣ ପତ୍ର (ଅବିକଳ ନକଲ ସଂଯୋଗ କରିବେ) ୧୩- ଆବାସିକ ପ୍ରମାଣପତ୍ର (ଅବିକଳ ନକଲ ସଂଯୋଗ କରିବେ) ୧୪- ଗୋଟିଏ ଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidavit in Original) ସଂଯୋଗ କରିବେ । ୧୫- ଅଣ ତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ ୫ ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Undertaking ସଂଯୋଗ କରିବେ ।୧୬- ଦୁଇକିତା ବର୍ତ୍ତମାନର ସହି ମୋହର ପାସ୍‌ପୋର୍ଟ ଆକାର ଫୋଟ ଦାଖଲ କରିବେ । ୧୭- ପୂର୍ବତନ ସାମରିକ କର୍ମଚାରୀ ମାନେ ସାମରିକ କର୍ମଚାରୀ ଥିବାର ପ୍ରମାଣ ପତ୍ରର ଅବିକଳ ନକଲ । ୧୮- କ୍ରୀଡାବିତ୍ ମାନେ କ୍ରୀଡା ନିର୍ଦ୍ଦେଶକଙ୍କ ପ୍ରଦତ୍ତ (Identity Card) ର ଅବିକଳ ନକଲ ।

ତାରିଖ: ଆବେଦନ କାରିଙ୍କ ସାକ୍ଷର

ସ୍ଥାନ:

ପ୍ରାପ୍ତି ସ୍ୱୀକାର

କ୍ରମିକ ସଂଖ୍ୟା :

ଠିକଣା :

ପ୍ରାର୍ଥୀଙ୍କ ନାମ

ନିମ୍ନୋକ୍ତ ସଂଲଗ୍ନ ମାନେ (Enclosures)ହସ୍ତଗତ ହୋଇଛି ।

(କ) HSC ସାର୍ଟିଫିକେଟ, ଯୁକ୍ତ ଦୁଇ ର ସାର୍ଟିଫିକେଟ୍, ତାଲିମ (ସିଟି)ସାର୍ଟିଫିକେଟ, ସ୍ନାତକ, (ବି.ଇଡି./ସ୍ପେସାଲ ବି.ଇ.ଡି) ସାର୍ଟିଫିକେଟ (ଖ)ଯୁକ୍ତ ଦୁଇ ମାର୍କସିଟ୍, ତାଲିମ (ସିଟି) ମାର୍କସିଟ ଓ ସ୍ନାତକ/ବି.ଇ.ଡି/ ସ୍ପେସାଲ ବି.ଇଡି.) ସାର୍ଟିଫିକେଟ୍ / RCI Registration ର ପ୍ରମାଣପତ୍ର (ଗ) ଜାତିଗତ ପ୍ରମାଣ ପତ୍ର (Caste Certificate) (ଘ) ଆବାସିକ ପ୍ରମାଣପତ୍ର (Reseidential Certificate) (ଙ) ଗୋଟିଏ ଜିଲ୍ଲାରେ ଆବେଦନ କରିଥିବାର ସତ୍ୟପାଠ (Affidavit in Original) (ଚ) କର୍ମନିଯୋଜକ କେନ୍ଦ୍ରର ରେଜିଷ୍ଟ୍ରେସନ୍ ପ୍ରମାଣପତ୍ର (ଛ) ଅଣ ତାଲିମ ପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚ ୫ ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Undertaking (ଜ) ଅକମର୍ଣ୍ଣ୍ୟ ପ୍ରମାଣପତ୍ର ଅବିକଳ ନକଲ (ଝ) ଦୁଇକିତା ବର୍ତ୍ତମାନର ସହିମୋହର ପାର୍ସପୋର୍ଟ ଆକାର ଫଟୋ । (ଞ) ପୂର୍ବତନ ସାମରିକ କର୍ମଚାରୀମାନଙ୍କ କ୍ଷେତ୍ରରେ ପ୍ରାର୍ଥୀ ସାମରିକ କର୍ମଚାରୀ ଥିବାର ପ୍ରମାଣ ପତ୍ର (ଟ) କ୍ରୀଡାବିତ୍ ମାନଙ୍କ କ୍ଷେତ୍ରରେ କ୍ରୀଡା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦତ୍ତ (Identity Card) ର ଅବିକଳ ନକଲ ।

ପ୍ରାପ୍ତି ସ୍ୱୀକାରଙ୍କ ସାକ୍ଷର

ନାମ :

ପଦବୀ :

ଜିଲ୍ଲାପାଳ, ଦେବଗଡ଼

୮।୦।୨୦୧୪